# NATIONAL NEWS BULLETIN (ODIA)

## 20th April - 2025

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ସାଉଦି ଆରବ ଗସ୍ତରେ ଯାଇ ଆସନ୍ତା ମଙ୍ଗଳବାର ଦିନ ଜେଦାହ’ରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ।
- ଆମେରିକା ଉପରାଷ୍ଟ୍ରପତି ନୂଆଦିଲ୍ଲୀରେ ପହଞ୍ଚିବେ ଆସନ୍ତାକାଲି ।
- ଭୁଟାନ୍-ଭାରତ ମଧ୍ୟରେ ବାଣିଜ୍ୟ ଓ ଅର୍ଥନୈତିକ ସହଯୋଗକୁ ସୁଗମ କରିବାକୁ ଏକାଧିକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବୈଦେଶିକ ମନ୍ତ୍ରଣାଳୟର ସୂଚନା ।
- ଜମ୍ମୁ-କାଶ୍ମୀରର ରାମବନ ଜିଲ୍ଲାରେ ଭୂସ୍ଖଳନରେ ପ୍ରଭାବିତ ଶହେରୁ ଅଧିକ ଲୋକଙ୍କୁ କରାଗଲା ଉଦ୍ଧାର ।

ଏବଂ

- ଚଣ୍ଡୀଗଡ଼ରେ ଅନୁଷ୍ଠିତ ଆଇ.ପି.ଏଲ୍.ର ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୭ ୱିକେଟ୍‌ରେ ବିଜୟୀ ।

— ଦ୍ୱିତୀୟ ମ୍ୟାଚ୍‌ରେ ଆଉ କିଛି ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍‌ସ୍ ମଧ୍ୟରେ ହେବ ମୁକାବିଲା ।

## ପି.ଏମ୍. - ସାଉଦି ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମଙ୍ଗଳବାର ଦିନ ଜେଦାହ’ରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି । ବିଗତ ୪ ଦଶନ୍ଧି ମଧ୍ୟରେ କୌଣସି ଭାରତୀୟ ନେତାଙ୍କର ଏହା ପ୍ରଥମ ସାଉଦି ଆରବ ବାଣିଜ୍ୟିକ ଗସ୍ତ ବୋଲି ସୂଚନା ମିଳିଛି । ଏହି ଗସ୍ତ ଭାରତ-ସାଉଦି ସମ୍ପର୍କକୁ ଅର୍ଥନୈତିକ, ପ୍ରତିରକ୍ଷା ଏବଂ ସାଂସ୍କୃତିକ ଦିଗରେ ବ୍ୟାପକ ରଣନୀତିକ ଭାଗିଦାରୀରେ ପରିଣତ କରିବ ବୋଲି ଗୁରୁତ୍ୱାରୋପ କରୁଛି । ଉଭୟ ଦେଶ ମଧ୍ୟରେ ସୁଦୃଢ଼ ଏବଂ ବହୁମୁଖୀ ଅର୍ଥନୈତିକ ଭାଗିଦାରୀ ରହିଆସିଛି । ଦୁଇଦେଶ ମଧ୍ୟରେ ଶତାବ୍ଦୀ ପୁରାତନ ସମ୍ପର୍କ ରଣନୀତିକ ଭାଗିଦାରୀଦ୍ୱାରା ସୁଦୃଢ଼ ହେବ ବୋଲି ଆଶା କରାଯାଉଛି ।

ସାଉଦି ଆରବ ଭାରତର ପଞ୍ଚମ ବୃହତ୍ତମ ବାଣିଜ୍ୟ ସହଯୋଗୀ ହୋଇଥିବାବେଳେ ଭାରତ ସାଉଦି ଆରବର ଦ୍ୱିତୀୟ ବୃହତ୍ତମ ବାଣିଜ୍ୟ ସହଯୋଗୀ ଭାବେ ଉଭା ହୋଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ସାଉଦି ଆରବରୁ ଭାରତ  ୩୧ ଦଶମିକ ୪/୨ ବିଲିୟନ୍ ଆମେରିକୀୟ ଡଲାର ଆମଦାନୀ କରିଛି । ଅପରପକ୍ଷରେ ସାଉଦି ଆରବକୁ ୧୧ ଦଶମିକ ୫/୬

ବିଲିୟନ୍ ଆମେରିକୀୟ ଡଲାର ପହଞ୍ଚାଇବା ସହିତ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ବୃଦ୍ଧି ପାଇଛି । ଭାରତରୁ ପ୍ରମୁଖ ଭାବେ ଇଞ୍ଜିନିୟରିଂ ଉତ୍ପାଦ, ଚାଉଳ, ପେଟ୍ରୋଲିୟମ୍ ରସାୟନଜାତ ଉତ୍ପାଦନ, ବୟନ, ଖାଦ୍ୟ ଉତ୍ପାଦନ ଏବଂ ସେରାମିକ୍ ଟାଇଲ୍ସ୍ ଆଦି ରପ୍ତାନୀ କରାଯାଉଛି । ସେହିପରି ଅଶୋଧିତ ତୈଳ, ଏଲ୍.ପି.ଜି., ସାର, ରସାୟନ ଏବଂ ପ୍ଲାଷ୍ଟିକ୍ ଉତ୍ପାଦ ଆଦି ଭାରତ ସେଠାରୁ ଆମଦାନୀ କରୁଛି । ଦୁଇ ଦେଶ ମଧ୍ୟରେ ପୁଞ୍ଜିନିବେଶ ସୁଦୃଢ଼ ହେବାର ଆଶା କରାଯାଉଛି ।

## ଭାନ୍ସ-ଇଣ୍ଡିଆ ଭିଜିଟ୍

ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଚାରିଦିନିଆ ଗସ୍ତରେ ଭାରତ ଆସି ଆସନ୍ତାକାଲି ସକାଳେ ନୂଆଦିଲ୍ଲୀରେ ପହଞ୍ଚିବେ । ଶ୍ରୀ ଭାନ୍ସଙ୍କ ସହ ତାଙ୍କ ପରିବାର ଏବଂ ଆମେରିକା ପ୍ରଶାସନର ଏକ ଉଚ୍ଚପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସୁଛନ୍ତି । ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କଲାପରେ ଶ୍ରୀ ଭାନ୍ସଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଶ୍ରୀ ଭାନ୍ସ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ଏହି ଗସ୍ତ ଅବସରରେ ଉପରାଷ୍ଟ୍ରପତି ଶ୍ରୀ ଭାନ୍ସ ଏବଂ ତାଙ୍କ ସହ ଆସିଥିବା ପ୍ରତିନିଧିମଣ୍ଡଳୀ ନୂଆଦିଲ୍ଲୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ

ଜୟପୁର  ଏବଂ ଆଗ୍ରା ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି ।  ଏ ସମ୍ପର୍କରେ ଅଧିକ ସୂଚନା ଦେଇଛନ୍ତି ଆମ ସମ୍ବାଦଦାତା :

***Voice*** :..........

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଶ୍ରୀ ଭାନ୍ସଙ୍କ ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ଏବଂ ବିଭିନ୍ନ ଦ୍ୱିପାକ୍ଷିକ କାର୍ଯ୍ୟକ୍ରମର କାର୍ଯ୍ୟକାରୀତା ନେଇ ସମୀକ୍ଷା କରିବାକୁ ସୁଯୋଗ ପ୍ରଦାନ କରିବ । ଗତ ଫେବୃୟାରୀ ୧୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ଅବସରରେ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟ ଦେଶ ମଧ୍ୟରେ ଆଲୋଚନା ହୋଇଥିଲା ।

## ଭୁଟାନ୍ କିଙ୍ଗ୍ - ଆସାମ

ଭୁଟାନ୍‌ର ରାଜା ଜିଗ୍‌ମେ ଖେସର  ନାମଗ୍ୟାଲ୍ ୱାଙ୍ଗ୍‌ଚୁକ୍ ଆଜି ଆସାମ ଗସ୍ତ କରି ଯୋଗିଘୋପା ସ୍ଥିତ ଆଭ୍ୟନ୍ତରୀଣ ଜଳପଥ ଟର୍ମିନାଲ୍ - ଆଇ.ଡବ୍ଲ୍ୟୁ.ଟି. ଏବଂ ମଲ୍‌ଟି ମୋଡାଲ୍ ଲଜିଷ୍ଟିକ୍ ପାର୍କ - ଏମ୍.ଏମ୍.ଏଲ୍.ପି. ପରିଦର୍ଶନ କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ବାଣିଜ୍ୟ ବୃଦ୍ଧି ତଥା ଆଞ୍ଚଳିକ ବିକାଶକୁ ବୃଦ୍ଧି କରିବା ଉପରେ ଆଇ.ଡବ୍ଲ୍ୟୁ.ଟି. ଏବଂ ଏମ୍.ଏମ୍.ଏଲ୍.ପି. ପ୍ରମୁଖ ସଂଯୋଗୀକରଣ ପ୍ରକଳ୍ପ ଅଟେ ।  ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହା ପଡ଼ୋଶୀ ପ୍ରଥମ ନୀତିର ଏକ

ଅଂଶ ଭାବରେ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ସହିତ ଭୁଟାନ୍ ସହିତ ମଧ୍ୟ ବାଣିଜ୍ୟ ଏବଂ ଅର୍ଥନୈତିକ ସହଯୋଗକୁ ସୁଗମ କରିବାପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି । ଯୋଗିଘୋପାଠାରେ ଆଇ.ଡବ୍ଲ୍ୟୁ.ଟି. ଚଳିତ ମାସ ଫେବୃୟାରୀ ମାସରେ ଉଦ୍‌ଘାଟିତ ହୋଇଥିଲା । ଏହାଦ୍ୱାରା ଅର୍ଥନୈତିକ ବିକାଶ ସହିତ ଏହି ଅଞ୍ଚଳରେ ସଂଯୋଗ ବୃଦ୍ଧିପାଇ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଅଟେ । ଆସାମରେ ଗତକାଲି ପହଞ୍ଚିବା ପରେ ଭୁଟାନ ରାଜାଙ୍କୁ ରାଜ୍ୟର ଜନସ୍ୱାସ୍ଥ୍ୟ, ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ଜୟନ୍ତ ମଲାବାରୁଆ ସ୍ୱାଗତ କରିଥିଲେ । ସୂଚନାଯୋଗ୍ୟ, ଚଳିତ ମାସ ପ୍ରଥମାର୍ଦ୍ଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ୟାଙ୍ଗ୍‌କକ୍‌ରେ ଅନୁଷ୍ଠିତ ଷଷ୍ଠ ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀ ଅବସରରେ ଭୁଟାନ ପ୍ରଧାନମନ୍ତ୍ରୀ ସେରିଙ୍ଗ୍ ଟବ୍‌ଗେ’ଙ୍କୁ ସାକ୍ଷାତ୍ କରି ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି କରିବାକୁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।

## ଜିତେନ୍ଦ୍ର - ସିଭିଲ୍ ସର୍ଭାଣ୍ଟ୍‌ସ୍

କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ବିଭାଗ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଯୁବ ପ୍ରଶାସନିକ ଅଧିକାରୀମାନଙ୍କୁ ସଚ୍ଚୋଟତା, ଉତ୍ତରଦାୟିତ୍ୱ ଏବଂ ସେବାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବାକୁ ଆହ୍ୱାନ କରିଛନ୍ତି । ୨୦୨୩ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ଅଧିକାରୀ ପ୍ରଶିକ୍ଷାର୍ଥୀମାନଙ୍କ ସହ

ଆଲୋଚନା କରି ଡକ୍ଟର ସିଂହ ଭାରତର ପ୍ରଶାସନିକ ପରିବର୍ତ୍ତନ ଏବଂ ବିକଶିତ ଭାରତ ୨୦୪୭ ଦୂରଦୃଷ୍ଟି ଉପରେ ଆଲୋକପାତ କରିଥିଲେ । ଭାରତୀୟ ପ୍ରଶାସନିକ ସେବା ଇତିହାସରେ ମହିଳାଙ୍କ ସର୍ବବୃହତ୍ ପ୍ରତିନିଧିତ୍ୱକୁ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଥିଲେ, ଯେଉଁଥିରେ ୧୮୦ ଜଣ ଅଧିକାରୀଙ୍କ ମଧ୍ୟରେ ୪୧ ପ୍ରତିଶତ ଅର୍ଥାତ୍ ୭୪ ଜଣ ମହିଳା ସାମିଲ୍ ଅଛନ୍ତି । ଡକ୍ଟର ସିଂହ କହିଛନ୍ତି, ଏହି ରେକର୍ଡ଼ ସଂଖ୍ୟକ ପ୍ରତିନିଧିତ୍ୱ ସମାବେଶୀ ଓ ପ୍ରଗତିଶୀଳ ଶାସନପାଇଁ ପ୍ରଧାନମନ୍ତ୍ରୀଙ୍କ ଅତୁଟ ସମର୍ଥନ ରହିଛି । ନୂତନ ଭାବେ ନିଯୁକ୍ତି ପାଇଥିବା ଏହି ଯୁବ ପ୍ରଶାସନିକ ଅଧିକାରୀଙ୍କୁ ଦେଶର ୪୬ଟି ବିଭିନ୍ନ ମନ୍ତ୍ରଣାଳୟରେ ୮ ସପ୍ତାହପାଇଁ ପ୍ରଶିକ୍ଷାର୍ଥୀ ଭାବେ ନିୟୋଜିତ କରାଯିବ । ଏହି ବ୍ୟାଚ୍‌ର ଅଧିକାରୀମାନଙ୍କ ପାଖରେ ନୂତନ ଭାରତର ଆକାଂକ୍ଷାକୁ ସାକାର କରିବାପାଇଁ ସମସ୍ତ ପ୍ରକାରର ପ୍ରତିଭା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ।

## ଦିଲ୍ଲୀ ଗଭ୍ - ୱାଟର୍ ଟ୍ୟାଙ୍କର୍

ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସହରରେ ବୃଦ୍ଧି ପାଉଥିବା ଜଳସଙ୍କଟର ମୁକାବିଲାପାଇଁ ଏକ ପ୍ରମୁଖ ପଦକ୍ଷେପସ୍ୱରୂପ ଆଜି ବୁରାରୀର ନିରଙ୍କରୀ ପଡ଼ିଆରୁ ଏକ ହଜାରରୁ ଊର୍ଦ୍ଧ୍ୱ ଜି.ପି.ଏସ୍. ସକ୍ଷମ ପାଣି ଟ୍ୟାଙ୍କରକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଟ୍ୟାଙ୍କର୍‌ଗୁଡ଼ିକୁ ସମଗ୍ର ସହରରେ

ନିୟୋଜିତ କରାଯିବ । ବିଶେଷକରି ଯେଉଁ ଅଞ୍ଚଳରେ ତୀବ୍ର ଜଳ ଅଭାବ ସହିତ ପାଇପ୍ ଯୋଗେ ଜଳଯୋଗାଣ ସମ୍ଭବ ନୁହେଁ, ସେହି ଅଞ୍ଚଳରେ ଏହିସବୁ ଟ୍ୟାଙ୍କରକୁ ନିୟୋଜିତ କରାଯିବ । ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଦିଲ୍ଲୀର ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦିଲ୍ଲୀ ସରକାର ସ୍ୱଚ୍ଛ ଭାବେ କାର୍ଯ୍ୟ କରୁଛି । ସେ କହିଛନ୍ତି, ଦିଲ୍ଲୀର ପ୍ରତ୍ୟେକ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ସହ ସଠିକ୍ ପରିମଳ ବ୍ୟବସ୍ଥା ଯୋଗାଇ ଦେବା ହେଉଛି ତାଙ୍କ ସରକାରଙ୍କ ପ୍ରାଥମିକତା । ଏଥିନିମନ୍ତେ ବଜେଟ୍‌ରେ ୯ ହଜାର କୋଟି ଟଙ୍କା ପ୍ରାବଧାନ କରାଯାଇଛି ବୋଲି ସେ କହିଛନ୍ତି । ଦିଲ୍ଲୀ ସରକାରଙ୍କ ଜଳମନ୍ତ୍ରୀ ପର୍‌ଭେଶ ବର୍ମା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମସ୍ତଙ୍କପାଇଁ ଜଳ ଲକ୍ଷ୍ୟକୁ ସାକାର କରିବା ଉଦ୍ଦେଶ୍ୟରେ ସରକାର ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଛନ୍ତି । ଦିଲ୍ଲୀ ସରକାର ସହରକୁ ଜଳସଙ୍କଟରୁ ମୁକ୍ତ କରିବାପାଇଁ ଯାହା ଆବଶ୍ୟକ, ତାହା କରିବେ ବୋଲି କହିଛନ୍ତି । ସହରର ଜଳବଣ୍ଟନ ବ୍ୟବସ୍ଥାର ଆଧୁନିକୀକରଣ ପାଇଁ ଜଳବିଭାଗର ବ୍ୟାପକ ରଣନୀତିର ଅଂଶବିଶେଷ ହେଉଛି ଏହି ପଦକ୍ଷେପ । ଏଥିରେ ଜଳଚୋରି, ଅପଚୟ ଏବଂ ଅନିୟମିତ ବଣ୍ଟନ ଉପରେ କଡ଼ା ନଜର ମଧ୍ୟ ରଖାଯିବ ।

## ଜେକେ - ଲ୍ୟାଣ୍ଡସ୍ଲାଇଡ୍

ଜାମ୍ମୁ କାଶ୍ମୀରର ରାମବନ୍ ଜିଲ୍ଲାର ସେରିବାଗ୍ନାରେ ଲଗାଣ ବର୍ଷା ଓ ଭୂସ୍ଖଳନ ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସେଠାରେ ଉଦ୍ଧାରକାରୀମାନେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିଛନ୍ତି । ଏଥିରେ ୨ ଜଣ ଶିଶୁ ଓ ଜଣେ ବୃଦ୍ଧଙ୍କ ସମେତ ୩ ଜଣଙ୍କର ପ୍ରାଣହାନି ଘଟିଛି । ଗତକାଲି ରାତିରେ ସେହି ଅଞ୍ଚଳରେ ପ୍ରବଳ କୂଆପଥର ଝଡ଼ ଏବଂ ବାଦଲଫଟା ବର୍ଷା ଯୋଗୁଁ ଯାନବାହନ ଚଳାଚଳ ବ୍ୟାହତ ହେବା ସହ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଥିଲା । ରାମବନ୍ ଅଞ୍ଚଳରେ ହଠାତ୍ ବନ୍ୟା ଆସିବା ଯୋଗୁଁ ବହୁ ସମ୍ପତ୍ତି ନଷ୍ଟ ହେବା ସହ ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଛି ।

## ଜେ.କେ. - ମୋଗଲ ରୋଡ୍

ଜମ୍ମୁ-କାଶ୍ମୀରରେ ଐତିହାସିକ ମୋଗଲ ରୋଡ୍, ରାଜୌରୀ ଓ ପୁଞ୍ଛର ଯୁଗ୍ମ ସୀମା ଜିଲ୍ଲାକୁ କାଶ୍ମୀର ଉପତ୍ୟକାର ସୋପିଆନ୍ ଜିଲ୍ଲା ସହିତ ସଂଯୋଗ କରୁଥିବା ବିକଳ୍ପ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ପାଇଁ ପୁଣି

ଥରେ ଖୋଲାଯାଇଛି । ଆମ ଜମ୍ମୁ ସମ୍ବାଦଦାତା କହିଛନ୍ତି, ସଦ୍ୟ ତୁଷାରପାତ ଯୋଗୁଁ ଗୋଟିଏ ଦିନ ବନ୍ଦ ରହିବା ପରେ କେବଳ ପୁଞ୍ଚ୍‌ରୁ ସୋପିଆନ୍ ଅଭିମୁଖେ ଯାଉଥିବା ହାଲୁକା ମୋଟରଯାନ ପାଇଁ ରାଜପଥ ଖୋଲାଯାଇଥିଲା । ଅବଶ୍ୟ ଜମ୍ମୁ-ଶ୍ରୀନଗର ୪୪ ନମ୍ବର ଜାତୀୟ ରାଜପଥ, ଶ୍ରୀନଗର-ସୋନମର୍ଗ-ଗୁମ୍‌ରୀ ଏସ୍.ଏସ୍.ଜି. ରୋଡ୍ ଏବଂ ସିନ୍ଥାନ୍ ରୋଡ୍ ପ୍ରତିକୂଳ ପାଗ ଯୋଗୁଁ ସଡ଼କ ପରିବହନ ବନ୍ଦ ରହିଛି । ପରବର୍ତ୍ତୀ ସୂଚନା ମିଳିବା ପର୍ଯ୍ୟନ୍ତ ଏହି ମାର୍ଗରେ ଯାତ୍ରା ନ କରିବାକୁ ଅଧିକାରୀମାନେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

ସେହିପରି ଲଦାଖରେ ଗତକାଲି ପ୍ରବଳ ତୁଷାରପାତ ଯୋଗୁଁ ଲେହ ପାର୍ବତ୍ୟ ପରିଷଦ ସମସ୍ତ ଜରୁରୀକାଳୀନ ସେବାକୁ ସତର୍କ ସୂଚନା ଜାରି କରିଛି । ସେଠାକାର ମୁଖ୍ୟ କାର୍ଯ୍ୟନିର୍ବାହୀ କାଉନ୍‌ସିଲର, ଡେପୁଟି କମିଶନରଙ୍କ ସମେତ ପ୍ରଶାସନିକ ଅଧିକାରୀମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେକୌଣସି ପରିସ୍ଥିତିର ମୁକାବିଲା କରିବାନେଇ ବିପର୍ଯ୍ୟୟ ମୁକାବିଲା ଦଳକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ସୂଚନାଯୋଗ୍ୟ ଭୁସ୍ଖଳନ ଯୋଗୁ ଲେହ-ଶ୍ରୀନଗର ରାଜପଥର ପ୍ରମୁଖ ରାସ୍ତା ବନ୍ଦ ରହିଥିବା ସହ ସମସ୍ତ ବିମାନ ସେବାକୁ ବାତିଲ୍ କରାଯାଇଛି ।

# ଆଇ.ପି.ଏଲ୍.

ଚଣ୍ଡୀଗଡ଼ର ମହାରାଜା ଯାଦବେନ୍ଦ୍ର ସିଂ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଆଇ.ପି.ଏଲ୍. କ୍ରିକେଟ୍‌ର ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପଞ୍ଜାବ କିଙ୍ଗ୍‌ସକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟସ୍ ଜିତି ପଞ୍ଜାବ କିଙ୍ଗ୍‌ସ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭର୍‌ରେ ପଞ୍ଜାବ ୬ ୱିକେଟ୍ ହରାଇ ୧୫୭ ରନ୍ ସଂଗ୍ରହ କରିଥିଲା । ୭ଟି ବଲ୍ ବାକିଥାଇ ବେଙ୍ଗାଲୁରୁ ଦଳ ୩ ୱିକେଟ୍ ବିନିମୟରେ ୧୫୮ ରନ୍‌ର ବିଜୟ ଲକ୍ଷ୍ୟକୁ ହାସଲ କରିଥିଲା । ବେଙ୍ଗାଲୁରୁ ପକ୍ଷରୁ ବିରାଟ କୋହଲି ଅପରାଜିତ ୫୪ଟି ବଲ୍‌ରୁ ସର୍ବାଧିକ୍ ୭୩ ରନ୍ ସଂଗ୍ରହ କରିଥିବାବେଳେ ଦେବଦତ୍ତ ପଡିକ୍କାଲ ୩୫ ବଲ୍‌ରୁ ୬୧ ରନ୍ ସଂଗ୍ରହ କରି ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରିଥିଲେ ।

ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ ଆଉ କିଛି ସମୟ ପରେ ଆଇ.ପି.ଏଲ୍.ର ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ । ମୁମ୍ବାଇ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

*****